ଆକାଉଣ୍ଟକୁ ଆସୁନି ଭତ୍ତା ଟଙ୍କା

- ବାରମ୍ବାର ବ୍ୟାଙ୍କକୁ ଧାଇଁ ଦେଉଛନ୍ତି ଅଟୋ ଭଡ଼ା
- ଜନ ଅଭିଯୋଗ ଶୁଣାଣିରେ ଅଭିଯୋଗ ପାଇଁ ଆସି ନିରାଶ

ଅଭିଯୋଗ କରିବାକୁ ଆସିଥିବା ହିତାଧିକାରୀମାନେ।

କାମାକ୍ଷାନଗର, ୩୦।୬ (ସୁଧୀର ପରିଡ଼ା)

ଢେଙ୍କାନାଳ ଜିଲା କାମାକ୍ଷାନଗର ଅଞ୍ଚଳର କେତେକଣ ବୃଦ୍ଧାବୃଦ୍ଧଙ୍କୁ ୨ ମସ ହେଲା ଭତ୍ତା ଟଙ୍କା ମିଳୁନି। ଭତ୍ତା ଅର୍ଥ ଆକାଉଣ୍ଟକୁ ଯିବ ବୋଲି ବିଭାଗୀୟ ଅଧିକାରୀ କହିବା ପରେ ସମ୍ପୃକ୍ତ ବୃଦ୍ଧାବୃଦ୍ଧମାନେ ସବୁଦିନ ବ୍ୟାଙ୍କକୁ ଧାଉଁଛନ୍ତି। ହେଲେ ଅଟୋଭଡ଼ା ବାବଦରେ କିଏ ୨୦୦ ତ କିଏ ୪୦୦ ଟଙ୍କା ଦେଉଥିଲେ ମଧ୍ୟ ଭତ୍ତା ଅର୍ଥ ଆକାଉଣ୍ଟକୁ ଆସି ନ ଥିବା ଜାଣି ନିରାଶରେ ଫେରୁଛନ୍ତି। ଏ ସମ୍ପର୍କିତ ଅଭିଯୋଗ ନେଇ କିଏ ଏନ୍‌ଏସି କାର୍ଯ୍ୟାଳୟ ତ ଆଉ କିଏ ପଞ୍ଚାୟତ ସମିତି କାର୍ଯ୍ୟାଳୟକୁ ଯାଉଥିଲେ ମଧ୍ୟ କିଛି ସୁଫଳ ମିଳୁ ନ ଥିବା କାମାକ୍ଷାନଗର ଏନ୍‌ଏସି ୧୧ ନଂ. ୱାର୍ଡର କାଶୀନାଥ ବେହେରା, ଡେକୁଳା ଗ୍ରାମର ନଟବର ବାରିକ, ବଡ଼ବିଲା ସାହିର ଧୂପେଇ ପାତ୍ର, ରୁକ୍ମିଣୀ ପାତ୍ର, ଅଶୋକା ପାତ୍ର, ବେବି ପାତ୍ର, ଇନ୍ଦିପୁର ସାହିର ଜାନକୀ ପ୍ରଧୁରୀ, ଶରଧାପୁରର କୁଳମଣି ମଲ୍ଲିକ, ବିଦ୍ୟାଧର ପାତ୍ର, ଜୟପୁରା କାଟେଣୀର ରମେଶ ମଲ୍ଲିକ, ଢେଙ୍କିସିଙ୍ଗାର ଅପସରା ନାଏକ, ମହିନ୍ଦ୍ର ପାତ୍ର ପ୍ରମୁଖ ଅଭିଯୋଗ କରିଛନ୍ତି। ସୋମବାର କାମାକ୍ଷାନଗର ଉପଜିଲାପାଳଙ୍କ କାର୍ଯ୍ୟାଳୟରେ ଜନଅଭିଯୋଗ ଶୁଣାଣି ହେବ ବୋଲି ଶୁଣି ସେମାନେ ଅଭିଯୋଗ କରିବାକୁ ଆସିଥିଲେ। ହେଲେ ସେଠାରେ ଜନ ଅଭିଯୋଗ ଶୁଣାଣି ଶିବିର ନ ଥିବା ଜାଣିବା ପରେ ନିରାଶରେ ଫେରିଥିବା ଜଣାପଡ଼ିଛି। ତୁରନ୍ତ ଟଙ୍କା ଆକାଉଣ୍ଟକୁ ଦେବାକୁ ହିତାଧିକାରୀମାନେ ଦାବି କରିଛନ୍ତି। ଏ ସମ୍ପର୍କରେ ଏନ୍‌ଏସି ନିର୍ବାହୀ ଅଧିକାରୀ ପ୍ରଦତ୍ତ ସାହୁ କହିଛନ୍ତି, ଟଙ୍କା ଆସିବାରେ ବିଳମ୍ବ ହେଉଥିବାରୁ ଏଭଳି ଅସୁବିଧା ହେଉଛି।

ଅସୁରକ୍ଷିତ ହୋଇପଡ଼ିଛି ବିପ୍ରଡ଼ିହ ଜଙ୍ଗଲ

ନିୟମିତ ଚାଲିଛି ମୂଲ୍ୟବାନ ଗଛକଟା

ବଣ୍ଡା,୩୦।୬(ପରିକ୍ଷିତ ସାହୁ)

ଅନୁଗୋଳ ଜିଲା ଆଠମଲ୍ଲିକ ବ୍ଲକ ଧଣ୍ଡାତୋପା ରେଞ୍ଜ ଅଧୀନରେ ଥିବା ବିପ୍ରଡିହ ଜଙ୍ଗଲ ଅସୁରକ୍ଷିତ ହୋଇପଡ଼ିଥିବା ଅଭିଯୋଗ ହେଉଛି। ଏହି ଜଙ୍ଗଲରୁ ଅବାଧ କାଠ ଚାଲାଣ କରାଯାଉଥିବା ଯୋଗୁ ସ୍ଥାନୀୟ ଅଞ୍ଚଳରେ ଅସନ୍ତୋଷ ଦେଖାଦେଇଛି। ଧଣ୍ଡାତୋପା ରେଞ୍ଜରେ ଥିବା ଏହି ଜଙ୍ଗଲରେ ଏବେ କାଠ ମାଫିଆ ସକ୍ରିୟ ଥିବା ଯୋଗୁ ଏପରି ସ୍ଥିତି ସୃଷ୍ଟି ହୋଇଥିବା କୁହାଯାଉଛି। ଏ ନେଇ ସ୍ଥାନୀୟ ଗ୍ରାମବାସୀ ଧଣ୍ଡାତୋପା ରେଞ୍ଜ କାର୍ଯ୍ୟାଳୟଠାରେ ବହୁବାର ଅଭିଯୋଗ କରିଥିଲେ ମଧ୍ୟ ସୁଫଳ ମିଳୁନାହିଁ। ଫଳରେ ବିପ୍ରଡିହ ଗ୍ରାମବାସୀ ଶନିବାର ଜଙ୍ଗଲକୁ ସୁରକ୍ଷା ଯୋଗାଇଦେବା ପାଇଁ ଅନୁଗୋଳ ଜିଲାପାଳଙ୍କଠାରେ ଅଭିଯୋଗ କରିଛନ୍ତି।

ଗ୍ରାମବାସୀ ଅଭିଯୋଗପତ୍ରରେ ଉଲ୍ଲେଖ କରିଛନ୍ତି, ଆଠମଲ୍ଲିକ ବନଖଣ୍ଡ ଅଧୀନରେ ଧଣ୍ଡାତୋପା ଏକ ବଡ଼ ରେଞ୍ଜ। ହେଲେ ବିପ୍ରଡିହ ଜଙ୍ଗଲରୁ କାଠ ମାଫିଆମାନେ ମୂଲ୍ୟବାନ ଶାଗୁଆନ, ଶାଳ, ପିଆଶାଳ ଗଛଗୁଡିକ କାଟୁଛନ୍ତି। ବିଳମ୍ବିତ ରାତିରେ କରତ ସାହାଯ୍ୟରେ ଗଛଗୁଡ଼ିକୁ କାଟି ଜଙ୍ଗଲର ଗୁପ୍ତ ସ୍ଥାନରେ ଲୁଚାଇ ରଖିବାପରେ ଏଥିରୁ ପଟା ପ୍ରସ୍ତୁତ କରି ଗାଡ଼ିରେ ଜିଲା ତଥା ଜିଲା ବାହାରକୁ ଚାଲାଣ କରୁଛନ୍ତି। ବନ ବିଭାଗର କେତେକଣ କର୍ମଚାରୀଙ୍କୁ ହାତ କରି କାଠ ମାଫିଆମାନେ ଏହି କାରବାର କରୁଛନ୍ତି। ଏହି ଜଙ୍ଗଲ ନିକଟରେ ଥିବା ସାତକୋଶିଆ ଜଙ୍ଗଲ ଥିଲେ ମଧ୍ୟ ବନ ବିଭାଗ ପକ୍ଷରୁ ରାତ୍ର ପାଟ୍ରୋଲିଂ କରାଯାଉ ନାହିଁ। ପୂର୍ବରୁ ଗ୍ରାମବାସୀ ଏ ନେଇ ଧଣ୍ଡାତୋପା ରେଞ୍ଜ କାର୍ଯ୍ୟାଳୟଠାରେ ଅଭିଯୋଗ କରିଥିଲେ। କିନ୍ତୁ ବିଭାଗ ପକ୍ଷରୁ ତଦାରଖ କରାଯାଉ ନାହିଁ। ତୁରନ୍ତ ଏଥିପ୍ରତି ବନ ବିଭାଗର ଉଚ୍ଚ ପଦାଧିକାରୀ ଦୃଷ୍ଟିଦେଇ ପଦକ୍ଷେପ ନେବାକୁ ଦାବି ହୋଇଛି। ଏ ନେଇ ଧଣ୍ଡାତୋପା ରେଞ୍ଜର ବନ୍ଧୁବାହାନ ସାହୁଙ୍କୁ ପଚରା ଯାଇଥିଲେ ମଧ୍ୟ କୌଣସି ଉତ୍ତର ନ ଦେଇ ପ୍ରସଙ୍ଗକୁ ଏଡ଼ାଇ ଦେଇଥିଲେ।

ବଦଳି ହୋଇଥିବା ଅଧ୍ୟାପିକା, ଅଧ୍ୟାପକଙ୍କୁ ସମ୍ବର୍ଦ୍ଧନା

ଭୁବନ,୩୦।୬(ବିପିନ ବିହାରୀ ସେଠୀ)

ଢେଙ୍କାନାଳ ଜିଲା ଭୁବନ ବାଜି ରାଉତ କଲେଜର ବରିଷ୍ଠ ଅଧ୍ୟାପକ ଡ. ସତ୍ୟନାରାୟଣ ଦାସଙ୍କୁ ସୋମବାର କଲେଜ ପରିସରରେ ବିଦାୟକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି। ସେ ରସାୟନ ବିଭାଗ ମୁଖ୍ୟଭାବେ କଲେଜରେ ୨୦୧୬ ମସିହାରୁ ଚାକିରି ଆରମ୍ଭ କରିଥିଲେ। ସେ ଜଣେ ଛାତ୍ର ବତ୍ସଳ ସହ କଲେଜର ସମସ୍ତ ଏକାଡେମିକ କାର୍ଯ୍ୟ ଉପରେ ଗୁରୁତ୍ୱ ଦେଉଥିଲେ। ତାଙ୍କ ବିଦାୟକାଳୀନ ସଭାରେ ଛାତ୍ରୀଛାତ୍ର ଓ ଅଧ୍ୟାପିକା, ଅଧ୍ୟାପକ କର୍ମଚାରୀ ଯୋଗଦେଇ କଲେଜ ପ୍ରତି ତାଙ୍କ ଅବଦାନ ଅନ୍ୟମାନଙ୍କଠାରୁ ଅତୁଳନୀୟ ବୋଲି ପ୍ରକାଶ କରିଥିଲେ। କଲେଜ ଅଧ୍ୟକ୍ଷ କେଶବ ଚନ୍ଦ୍ର ରାଉତରାୟ ଅତିଥି ଭାବେ ଯୋଗ ଦେଇଥିବାବେଳେ ବରିଷ୍ଠ ଅଧ୍ୟାପକ ପ୍ରଫୁଲ୍ଲ କୁମାର ଭୂୟାଁ, ଡ.ହରେକୃଷ୍ଣ ପଣ୍ଡା, ସୁବାସ ଚନ୍ଦ୍ର ପତି, ଅନିଲ କୁମାର ଧୀର, ବରିଷ୍ଠ କିରାଣି କୈଳାସ ଚନ୍ଦ୍ର ବେହେରା, ଗ୍ରନ୍ଥାଗାରିକ ନନ୍ଦକିଶୋର ଧୀରଙ୍କ ସମେତ ସମସ୍ତ ଅଧ୍ୟାପିକା ଅଧ୍ୟାପକ ଓ କର୍ମଚାରୀ ଯୋଗଦେଇଥିଲେ। ସେ ଅନୁଗୋଳ ଜିଲା ତାଳଚେର ସ୍ୱୟଂଶାସିତ କଲେଜକୁ ବଦଳି ହୋଇଛନ୍ତି। କଲେଜ ପକ୍ଷରୁ ତାଙ୍କୁ ଉପଢୌକନ, ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ସେହିପରି ଅର୍ଥନୀତି ବିଭାଗ ଅଧ୍ୟାପିକା ସଂଘମିତ୍ରା ମିଶ୍ର ଓ ଶୁଭସ୍ମିତା ଦାସ ଅନ୍ୟତ୍ର ବଦଳି ହୋଇଥିବାରୁ ତାଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା।

ବରିଷ୍ଠ ଅଧ୍ୟାପକଙ୍କୁ ସମ୍ବର୍ଦ୍ଧନା ପ୍ରଦାନ କରାଯାଉଛି।

ବ୍ୟାଙ୍କରେ ବିଦ୍ୟୁତ୍ ନ ଥିବାରୁ ଗ୍ରାହକ ଅସନ୍ତୋଷ

ପରଜଙ୍ଗ,୩୦।୬(ନିଗମାନନ୍ଦ ବଳବେହେରା)

ଢେଙ୍କାନାଳ ଜିଲା ପରଜଙ୍ଗ ବ୍ଲକ ମୁଣ୍ଡାପଶି ମେଡିକାଲ ଛକଠାରେ ଥିବା ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କରେ ବିଦ୍ୟୁତ୍ ନ ଥିବାରୁ ସୋମବାର ଅପରାହ୍ନ ୩ଟା ପର୍ଯ୍ୟନ୍ତ ବ୍ୟାଙ୍କ ସେବା ବନ୍ଦ ହୋଇଥିବା ଦେଖିବାକୁ ମିଳିଥିଲା। ଗତ ୩ ଦିନ ଧରି ବ୍ୟାଙ୍କ ବନ୍ଦ ରହିଥିବାରୁ ସୋମବାର ଗ୍ରାହକଙ୍କ ଭିଡ଼ ଲାଗି ରହିଥିଲା। ହେଲେ ବିଦ୍ୟୁତ୍ ଯୋଗାଣ ବନ୍ଦ ଯୋଗୁ ବ୍ୟାଙ୍କ କାର୍ଯ୍ୟ ଅଚଳ ହୋଇପଡ଼ିଥିଲା। ଫଳରେ ଦୂରଦୂରାନ୍ତରୁ ଆସିଥିବା ଗ୍ରାହକମାନେ ଅସୁବିଧାର ସମ୍ମୁଖୀନ ହୋଇଥିଲେ। ଜରୁରୀ ଥିଲେ ମଧ୍ୟ କେତେକଣ ଗ୍ରାହକ ଟଙ୍କା ଉଠାଣ କରି ପାରି ନ ଥିବାରୁ ଅସନ୍ତୋଷ ପ୍ରକାଶ କରିଥିଲେ। ଏ ସମ୍ପର୍କରେ ବ୍ୟାଙ୍କ କର୍ତ୍ତୃପକ୍ଷ କହିଛନ୍ତି, ୩ ଦିନଧରି ବ୍ୟାଙ୍କ ବନ୍ଦ ଥିବାରୁ ଇନଭର୍ଟର ବ୍ୟାକଅପ୍ ନ ଥିଲା। ତେଣୁ ସବୁ କାମ ବନ୍ଦ କରି ଚୁପ୍ ବସିବାକୁ ବାଧ ହେଲୁ।

ପ୍ରଧାନ ଶିକ୍ଷକଙ୍କୁ ଅବସର ସମ୍ବର୍ଦ୍ଧନା

ସମ୍ବର୍ଦ୍ଧନା ସଭାରେ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକଙ୍କ ସହ ଅତିଥି ଓ ଅନ୍ୟମାନେ।

ସାତମାଇଲ,୩୦।୬(ସୁଶାନ୍ତ ପତି)

ଢେଙ୍କାନାଳ ଜିଲା ହିନ୍ଦୋଳ ବ୍ଲକ କଣିମିଲି ପଞ୍ଚାୟତ ତର୍କାବେଡ଼ାସ୍ଥିତ ତର୍କାବେଡ଼ା କୁମୁଡ଼ିସିଂହା ଉଚ୍ଚ ବିଦ୍ୟାଳୟ ପରିସରରେ ସୋମବାର ପ୍ରଧାନ ଶିକ୍ଷକ ସୁଶାନ୍ତ କୁମାର ପ୍ରଧାନଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ପରିଚାଳନା କମିଟି ସଭାପତି ବିଜୟ କୁମାର ଜେନାଙ୍କ ପୌରୋହିତ୍ୟରେ ଶିକ୍ଷାବିତ୍ ଅନାଦି ଚରଣ ନାୟକ ମୁଖ୍ୟ ଅତିଥି, ବକ୍ତାଭାବେ ଅବସରପ୍ରାପ୍ତ ଶିକ୍ଷକ ସରୋଜ କୁମାର ପାଣିଗ୍ରାହୀ ଏବଂ ସମ୍ମାନିତ ଅତିଥିଭାବେ ବିଦ୍ୟାଳୟ ପ୍ରତିଷ୍ଠାତା ସଦସ୍ୟ ଶତ୍ରୁଘ୍ନ ପ୍ରଧାନ, ଈଶ୍ୱର ସାହୁ, ଶିକ୍ଷାବିତ୍ ପବିତ୍ର ମୋହନ ପ୍ରଧାନ, ଭ୍ରମରବର ବିଶ୍ୱାଳ, ଶ୍ରୀରାମ ରାଉତ, ପ୍ରମୋଦ କୁମାର ସ୍ୱାଇଁ, ଶଶିକାନ୍ତ ଦାସ ଓ ବିଭୂତି ଭୂଷଣ ସାମଲ ପ୍ରମୁଖ ଯୋଗଦେଇ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ବିପିନ ବିହାରି ସାମଲ ଅତିଥି ପରିଚୟ ପ୍ରଦାନ କରିଥିଲେ। ପ୍ରଧାନ ଶିକ୍ଷକ ସୁଶାନ୍ତଙ୍କ ଉଦ୍ୟମରେ ବିଦ୍ୟାଳୟର ଉନ୍ନତି ହୋଇଥିବା ଅତିଥିବୃନ୍ଦ ମତପ୍ରକାଶ କରିବା ସହ ତାଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଶିକ୍ଷାବିତ୍ ତପନ କୁମାର ସାମଲ ସଭା ସଞ୍ଚାଳନ, ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ସର୍ବେଶ୍ୱର ବେହେରା ଧନ୍ୟବାଦ ଅର୍ପଣ କରିଥିଲେ। ଛାତ୍ରୀଛାତ୍ର, ଶିକ୍ଷକ, କର୍ମଚାରୀ, ତର୍କାବେଡ଼ା ଓ କୁମୁଡ଼ିସିଂହା ଗ୍ରାମବାସୀ ସହଯୋଗ କରିଥିଲେ।

୨୮ ଅଭିଯୋଗ ଶୁଣିଲେ ଅଧିକାରୀ

ଜନ ଅଭିଯୋଗ ଶୁଣାଣି ଶିବିରରେ ଅଧିକାରୀମାନେ।

କାମାକ୍ଷାନଗର,୩୦।୬(ସୁଧୀର ପରିଡ଼ା)

ଢେଙ୍କାନାଳ ଜିଲାପାଳଙ୍କ ଜନ ଅଭିଯୋଗ ଶୁଣାଣି ଶିବିର କାମାକ୍ଷାନଗର ବ୍ଲକ ବାଙ୍କୁଆଳ ପଞ୍ଚାୟତରେ ସୋମବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲାପାଳ ସୋମେଶ ଉପାଧ୍ୟାୟ ଉପସ୍ଥିତ ରହି ଅଭିଯୋଗ ଗୁଡ଼ିକର ଶୁଣାଣି କରିଥିଲେ। ବ୍ଲକର ବିଭିନ୍ନ ପଞ୍ଚାୟତରୁ ଆସିଥିବା ଲୋକେ ନିଜର ଅଭିଯୋଗ ଜଣାଇଥିଲେ। ସମୁଦାୟ ୨୮ଟି ଅଭିଯୋଗ ଆସିଥିବାବେଳେ ଜିଲାପାଳ ଅଭିଯୋଗଗୁଡ଼ିକର ଶୁଣାଣି କରିଥିଲେ। ଏଠାରେ ଏସ୍‌ପି ଅଭିନବ ସୋନକର, ଜିଲା ମୁଖ୍ୟ ଉନ୍ନୟନ ଅଧିକାରୀ ଦୀପ୍ତିରଞ୍ଜନ ସେଠୀ, ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ସଞ୍ଜୟ କୁମାର ମହାପାତ୍ର, ଏସ୍‌ଡିଏମ୍‌ଓ ଡ.ଦିଗାମ୍ବର ସାହୁ, ବିଡିଓ ପ୍ରଭୁ କଲ୍ୟାଣ ଦାସ, ପୂର୍ତ୍ତ ବିଭାଗ ଯନ୍ତ୍ରୀ ବିଜୟ କୁମାର ସେଠୀ, ଅତିରିକ୍ତ ତହସିଲଦାର ସୂର୍ଯ୍ୟକାନ୍ତ ବରାଳ, ସିଡିପିଓ ସୈରେନ୍ଦ୍ରୀ ପଟେଲଙ୍କ ସମେତ ଜିଲାସ୍ତରୀୟ ସମସ୍ତ ଅଧିକାରୀ ଉପସ୍ଥିତ ଥିଲେ।

ଛଦେଶ ସାହିତ୍ୟ ସଂସଦ ପ୍ରତିଷ୍ଠା ଦିବସ

ଢେଙ୍କାନାଳ,୩୦।୬(ରତନ ନାୟାର)

ଢେଙ୍କାନାଳ ଜିଲା ଛଦେଶ ସାହିତ୍ୟ ସଂସଦର ୨୯ତମ ପ୍ରତିଷ୍ଠା ଦିବସ ଢାଙ୍ଗୁରସ୍ଥିତ ପଶ୍ଚିମେଶ୍ୱର ମନ୍ଦିର ପରିସରରେ ସୋମବାର ଅନୁଷ୍ଠିତ ହୋଇଯାଇଛି। ସଭାପତି ଅବସରପ୍ରାପ୍ତ ବନଖଣ୍ଡ ଅଧିକାରୀ ନୀଳମଣି ମହାରଣାଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସମ୍ପାଦକ ଫକୀର ମୋହନ ସାହୁ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ପ୍ରଥମେ ଦିବଂଗତ କର୍ମକର୍ତ୍ତା, ସଦସ୍ୟମାନଙ୍କ ସ୍ମୃତିଚାରଣ କରାଯାଇଥିଲା। ବରିଷ୍ଠ ସଦସ୍ୟ ଅଲେଖ ବିହାରୀ ସାହୁ ଏବଂ ସଙ୍ଗଠନ ସମ୍ପାଦକ ଅମୀର ଚନ୍ଦ୍ର ରାଉତଙ୍କ ସଂଯୋଜନାରେ ସ୍ୱରଚିତ କବିତା ପାଠ କରାଯାଇଥିଲା। କୋଷାଧ୍ୟକ୍ଷ ବାରବର ମିଶ୍ର ଆର୍ଥିକସ୍ଥିତି ଉପରେ ବକ୍ତବ୍ୟ ରଖିଥିଲେ। ପ୍ରକାଶ ଜଗଦେବ, ଡ. ପ୍ରମୋଦ କୁମାର ଦାଶ, ପ୍ରଫୁଲ୍ଲ କୁମାର ପଣ୍ଡା, ଧ୍ରୁବଚରଣ ରାଉତ, ଜାପାନୀ ଜଗଦେବ ଓ ସ୍ୱଦେଶ ରଞ୍ଜନ ଧଳ ପ୍ରମୁଖ ମତାମତ ରଖିଥିଲେ। ସାମାଜିକ ସମ୍ପାଦକ ଧନଞ୍ଜୟ ଧଳ ସଂସଦରେ ପାଳନୀୟ ପର୍ବ ଓ କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋଚନା କରିଥିବାବେଳେ ପତ୍ରିକା ସମ୍ପାଦକ ମନୋଜ କୁମାର ସାହୁ ସଂସଦକୁ ସର୍ବଜନବିଦିତ କରାଇବାର ସମୟ ଆସିଛି ବୋଲି କହିଥିଲେ। ସାଂସ୍କୃତିକ ସମ୍ପାଦକ ପ୍ରଶାନ୍ତ କୁମାର ଧଳ ସଙ୍ଗଠନର କାର୍ଯ୍ୟଧାରା, ବାର୍ଷିକ ଯୋଜନା, ସାମାଜିକ କାର୍ଯ୍ୟରେ ଯୋଗଦାନ ସମ୍ପର୍କରେ ଆଲୋଚନା କରିଥିଲେ। ରମେଶ ବେହେରା, ପବିତ୍ର ବେହେରା, ନିହାର ତ୍ରିପାଠୀ, ସୂର୍ଯ୍ୟମଣି ପୃଷ୍ଟି, ସୁରେଶ ଚନ୍ଦ୍ର ପ୍ରଧାନ ସହଯୋଗ କରିଥିଲେ। ଯୁଗ୍ମ ସମ୍ପାଦକ ବାସୁଦେବ ଧଳ ପରିଚାଳନା କରିଥିବାବେଳେ ପାଠାଗାର ସମ୍ପାଦକ ମଧୁସୂଦନ ଶତପଥୀ ଧନ୍ୟବାଦ ଅର୍ପଣ କରିଥିଲେ।

ଛଦେଶ ସାହିତ୍ୟ ସଂସଦର ୨୯ତମ ପ୍ରତିଷ୍ଠା ଦିବସ ଅବସରରେ କର୍ମକର୍ତ୍ତାମାନେ।

ନୂଆ ଟ୍ରାନ୍ସଫର୍ମର ଲାଗୁନି, ୧୫୦ ଉପଭୋକ୍ତା ହନ୍ତସନ୍ତ

ବଣ୍ଡା,୩୦।୬(ପରିକ୍ଷିତ ସାହୁ)

ଅନୁଗୋଳ ଜିଲା ଆଠମଲ୍ଲିକ ବ୍ଲକ ପାଇକସାହି ଗ୍ରାମରେ ଲାଗିଥିବା ୧୦୦ କେଭି ଟ୍ରାନ୍ସଫର୍ମରଟି ବୁଧବାର ବଜ୍ରପାତରେ ପୋଡ଼ିଯାଇଛି। ଇତିମଧ୍ୟରେ ୬ ଦିନ ବିତିଯାଇଥିଲେ ମଧ୍ୟ ନୂତନ ଟ୍ରାନ୍ସଫର୍ମର ଲଗାଯାଇ ନ ଥିବାରୁ ରାତିରେ ଗାଁ ସମ୍ପୂର୍ଣ୍ଣ ଅନ୍ଧାରରେ ରହୁଛି। ଅଞ୍ଚଳବାସୀଙ୍କ କହିବା ଅନୁଯାୟୀ, ୧୫୦ଟି ପରିବାର ସହ ହାଇସ୍କୁଲ ଓ ଦୋକାନଗୁଡ଼ିକୁ ବିଦ୍ୟୁତ୍ ସେବା ଯୋଗାଇ ଦେବା ପାଇଁ ଗ୍ରାମରେ ୧୦୦ କେଭି ଟ୍ରାନ୍ସଫର୍ମର ଲଗାଯାଇଥିଲା। ହେଲେ ବର୍ଷା ସାଙ୍ଗକୁ ବଜ୍ରପାତ ହେବା ଫଳରେ ଉକ୍ତ ଟ୍ରାନ୍ସଫର୍ମରଟି ପୋଡ଼ିଯାଇଛି। ଏ ନେଇ ଅଞ୍ଚଳବାସୀ ବଣ୍ଡା ବିଦ୍ୟୁତ୍ ବିଭାଗ କାର୍ଯ୍ୟାଳୟଠାରେ ଅଭିଯୋଗ କଲେ ମଧ୍ୟ ନୂତନ ଟ୍ରାନ୍ସଫର୍ମର ଲଗାଯାଉ ନାହିଁ। ଫଳରେ ଗ୍ରାମବାସୀ ରାତିରେ ସମ୍ପୂର୍ଣ୍ଣ ଅନ୍ଧାରରେ ଅଛନ୍ତି। ଏଥିପ୍ରତି ତୁରନ୍ତ ବିଭାଗୀୟ ଅଧିକାରୀ ଦୃଷ୍ଟିଦେଇ ପଦକ୍ଷେପ ନେବାକୁ ସାଧାରଣରେ ଦାବି ହୋଇଛି।

ଜନଶୁଣାଣିରେ ୨୨ ଅଭିଯୋଗ

ଜନ ଅଭିଯୋଗ ଶୁଣାଣି ଶିବିରରେ ଉପସ୍ଥିତ ଅଧିକାରୀମାନେ।

ବଣ୍ଟରପାଳ,୩୦।୬(ସୁବାସ ସାହୁ)

ଅନୁଗୋଳ ଜିଲା ବଣ୍ଟରପାଳ ପଞ୍ଚାୟତ ସମିତି ସଭାଗୃହରେ ଅନୁଗୋଳ ଜିଲାପାଳ ଅବଦଲ ମହମ୍ମଦ ଅଖତାରଙ୍କ ଅଧ୍ୟକ୍ଷତାରେ ସୋମବାର ଜିଲାସ୍ତରୀୟ ମିଳିତ ଜନଶୁଣାଣି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଶିବିରରେ ସମୁଦାୟ ୨୨ଟି ଅଭିଯୋଗ ଗ୍ରହଣ କରାଯାଇଥିଲା। ସେଥିମଧ୍ୟରୁ ଗୋଟିଏ ଅଭିଯୋଗର ତୁରନ୍ତ ସମାଧାନ କରାଯାଇଥିଲା। କାର୍ଯ୍ୟକ୍ରମରେ ଆରକ୍ଷୀ ଅଧୀକ୍ଷକ ରାହୁଲ ଜୈନ, ଅନୁଗୋଳ ପ୍ରୋବେଶନାଲ ଆଇପିଏସ୍ ଅଧିକାରୀ କସ୍ତୁରୀ ସାହା, ଅତିରିକ୍ତ ଜିଲାପାଳ ମାୟାଧର ବେହେରା, ଜିଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ, ପି. ଡି. ହେମନ୍ତ କୁମାର ସିଂ, ବଣ୍ଟରପାଳ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଲୋଚନ ଦାସ, ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ମାଧବ ପାଣିଗ୍ରାହୀ, ବଣ୍ଟରପାଳ ତହସିଲଦାର ସୁଶାନ୍ତ କୁମାର ମିଶ୍ରଙ୍କ ସମେତ ବିଭିନ୍ନ ଜିଲାସ୍ତରୀୟ ଓ ବ୍ଲକ ସ୍ତରୀୟ ଅଧିକାରୀମାନେ ଯୋଗଦେଇଥିଲେ।

MCL ମହାନଦୀ କୋଲଫିଲ୍ଡସ ଲିମିଟେଡ୍
www.mahanadicoal.in

ବିଜ୍ଞପ୍ତି

ଏତ୍ ସହିତ ସମ୍ପୃକ୍ତ ସମସ୍ତଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ, ମହାନଦୀ କୋଲଫିଲ୍ଡସ ଲିମିଟେଡ୍‌ର ଭୁବନେଶ୍ୱରୀ ଓସି ଏକ୍ସପାନସନ ପ୍ରୋଜେକ୍ଟ, ଗ୍ରାମ: କଣିହା, ଜିଲ୍ଲା: ଅନୁଗୁଳ, (ଓଡ଼ିଶା) କୁ ପରିବେଶ, ବନ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟ, ନୂଆ ଦିଲ୍ଲୀ ପତ୍ର ସଂଖ୍ୟା- J-11015/280/2013-IA-II(M) ତା. 23 ଜୁନ୍ 2025 ରିଖ ଏବଂ EC identification no. EC24A0101OR5800965N ମାଧ୍ୟମରେ ଲିଜ୍ କ୍ଷେତ୍ର 658.724 ha ସହିତ 30 MTPA ପାଇଁ ପରିବେଶ ମଞ୍ଜୁରୀ ପ୍ରଦାନ କରିଛନ୍ତି। ଏହି ମଞ୍ଜୁରୀ ପତ୍ରର ଏକ କପି ... (parivesh.nic.in) ...

R-5262

भा.कृ.अनु.प- केन्द्रीय मीठाजल जीवपालन अनुसंधान संस्थान
I.C.A.R-Central Institute of Freshwater Aquaculture
कौशल्यागंग, भुवनेश्वर-751002, ओडिशा
Kausalyaganga, Bhubaneswar-751002, Odisha

Advertisement No.14/2025-26 Date of Insertion- 30.06.2025

वॉक-इन-इंटरव्यू

भा.कृ.अनु.प– केन्द्रीय मीठाजल जीव पालन अनुसंधान संस्थान सीफा, कौशल्यागंग, भुवनेश्वर, ओडिशा में **01 (एक) यंग प्रोफेशनल–II** पद भर्ती के लिए दिनांक **11.07.2025** को पू. **10.00** बजे वॉक–इन–इंटरव्यू आयोजित किया जायेगा। अधिक जानकारी हेतु कृपया भा.कृ.अनु.प–सीफा वैबसाइट **http://www.cifa.nic.in** पर जाए।

WALK-IN INTERVIEW

A Walk-in-Interview will be held on **11.07.2025 at ICAR-CIFA, Bhubaneswar** at 10.00 A.M for **01 (One) nos. of Young Professional-II (YP-II)**, (purely on contractual basis) work under the **ICAR Research Project "Genome Editing in Aquaculture"** at ICAR-Central Institute of Freshwater Aquaculture, Kausalyaganga, Bhubaneswar, Odisha. For further details please visit to Institute website: **http://www.cifa.nic.in.**

मुख्य अन्वेषक/Principal Investigator

ପୂର୍ବ ତଟ ରେଳପଥ

ଟେଣ୍ଡର ନଂ. 16-KUR-TRD-OT-2025-26

କାର୍ଯ୍ୟର ନାମ : ଭୁବନେଶ୍ୱର ସେକ୍ସନର କେତେକ କଣ୍ଡେନ୍ସରେ ... OHE ସହିତ IPL-1, IPL-2 ଏବଂ IPL-3 ର ବିଦ୍ୟୁତୀକରଣ।

ଆନୁମାନିକ ମୂଲ୍ୟ (₹): 1,01,38,548.47, EMD (₹) : 2,00,700.00, ...: 180 ଦିନ।

... ତା.01.07.2025ଠାରୁ,

ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ : ତା.15.07.2025 ଦିନ 1300 ଘଣ୍ଟାରେ।

... http://www.ireps.gov.in ...

PR-296/Q/25-26

ପୂ.ତ. ରେଳପଥ – ଟେଣ୍ଡର

... http://www.ireps.gov.in ...

(PR-332)

EKLAVYA MODEL RESIDENTIAL SCHOOL
KUCHINDA, DIST.-SAMBALPUR-768222 (ODISHA)
Email : emrskuchinda2018@gmail.com
Website : https://emrskuchinda.com

TENDER NOTICE

Notice No. : 328 Date : 30.06.2025

Sealed tenders are invited from reputed and experienced manpower service providers/ firms/ agencies for outsourcing of manpower skilled/ unskilled (e.g., Housekeeping staff 03-one preferably Lady, Driver cum Watchman-01, Plumber cum Electrician-01, Cook cum Attendant -02, Head Cook -01 etc.) for **EKLAVYA MODEL RESIDENTIAL SCHOOL, KUCHINDA** as per the requirements of the authority for a period of one year which may be extended based on performance.

- Registered with appropriate government authorities (e.g., Labour Department, EPF, ESI, GST)
- Minimum 03 years of experience in similar field
- Should not have been blacklisted by any Govt./PSU organization

The tender document containing terms and conditions can be obtained from the office of the undersigned by downloaded from the website : https://emrskuchinda.com from 30.06.2025 to 18.07.2025.

- Last date and time for submission : **18.07.2025, up to 5.00 P.M.**
- Tender opening date : **19.07.2025 at 10.00 A.M.**
- Place of submission and opening : **EMRS, KUCHINDA PREMISES**

The undersigned reserves the right to reject any or all tenders without assigning any reason thereof.

Sd./- Principal
EMRS, Kuchinda